# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05 June - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ଲୋକସଭାକୁ ଭଙ୍ଗ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- – ଭବିଷ୍ୟତର କାର୍ଯ୍ୟପନ୍ଥା ଆଲୋଚନା ନେଇ ଏନ୍‌ଡିଏ ନେତାମାନଙ୍କର ବୈଠକ ଅନୁଷ୍ଠିତ
- ଓଡ଼ିଶାରେ ନୂତନ ମୁଖ୍ୟମନ୍ତ୍ରୀ ନେଇ ଆସନ୍ତା ଦୁଇ ଦିନ ମଧ୍ୟରେ ନିଷ୍ପତ୍ତି ହେବ; କହିଲେ, ରାଜ୍ୟ ବିଜେପି ସଭାପତି
- ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାର ଆରମ୍ଭ ହେଲା ତଦନ୍ତ; ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି

ଏବଂ

- ଭୂମିର ପୁନରୁଦ୍ଧାର ଓ ମରୁଡ଼ିର ପ୍ରତିରୋଧର ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ପରିବେଶ ଦିବସ

GNR

# କ୍ୟାବିନେଟ୍ ବୈଠକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସପ୍ତଦଶ ଲୋକସଭାକୁ ଭଙ୍ଗ କରିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ତାଙ୍କ ବାସଭବନରେ କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ ଶାହା, ନୀତିନ ଗଡ଼କରୀଙ୍କ ସମେତ କ୍ୟାବିନେଟ୍‌ର ଅନ୍ୟ ମନ୍ତ୍ରିଗଣ ଏହି ବୈଠକରେ ଯୋଗ ଦେଇଥିଲେ । ସପ୍ତଦଶ ଲୋକସଭାକୁ ଭଙ୍ଗ କରିବା ଲାଗି ଏହି ବୈଠକରେ ସୁପାରଶି କରାଯାଇଥିଲା। ସେହିଭଳି ନୂତନ ସରକାର ଗଠନ ନେଇ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

GNR

# ନିର୍ବାଚନ -୨

ଲୋକସଭା ନିର୍ବାଚନର ଫଳାଫଳ ଘୋଷଣା ପରେ ଆଜି ନୂଆଦିଲ୍ଲୀରେ ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କ ବାସଭବନରେ ଏନ୍.ଡି.ଏ.ର ନେତାମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂଆ ସରକାର ଗଠନ ପରେ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ବୈଠକରେ ତେଲୁଗୁ ଦେଶମ ପାର୍ଟିର ମୁଖ୍ୟ ଏନ୍.ଚନ୍ଦ୍ରବାବୁ ନାଇଡୁ, ଜନତା ଦଳ ୟୁନାଇଟେଡ୍ ମୁଖ୍ୟ ତଥା ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର,

ଲୋକଜନ ଶକ୍ତି ପାର୍ଟି (ରାମବିଲାସ)ର ମୁଖ୍ୟ ଚିରାଗ ପାଶୱାନ ଏବଂ ଅନ୍ୟ ନେତାମାନେ ସାମିଲ ହୋଇଥିଲେ।

ସେହିଭଳି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ବାସଭବନରେ ଇଣ୍ଡି ମେଣ୍ଟର ବୈଠକ ଚାଲିଛି।

ସୂଚନାଯୋଗ୍ୟ, ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୫୪୩ ଲୋକସଭା ଆସନ ମଧ୍ୟରୁ ଏନ୍.ଡି.ଏ.କୁ ୨୯୨ଟି ଆସନ ମିଳିଛି। ଇଣ୍ଡି ମେଣ୍ଟ ୨୩୩ଟି ସିଟ୍‌ରେ ବିଜୟ ହାସଲ କରିଛି । ଅନ୍ୟାନ୍ୟ ୧୮ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୨୪୦ ସିଟ୍ ପାଇଥିବା ବେଳେ ତେଲୁଗୁ ଦେଶମ୍ ୧୬ ଏବଂ ଜେ.ଡି.ୟୁ. ୧୨ଟି ଆସନ ପାଇଛି । ସେହିଭଳି କଂଗ୍ରେସ ଏକାକୀ ୯୯ଟି ଆସନ ଜିତିଥିବା ବେଳେ ସମାଜବାଦୀ ପାର୍ଟି ୩୭, ତୃଣମୂଳ କଂଗ୍ରେସ ୨୯ ଏବଂ ଡି.ଏମ୍.କେ. ୨୨ଟି ସିଟ୍ ହାସଲ କରିଛି ।

***GNR***

## ପ୍ରଧାନମନ୍ତ୍ରୀଙ୍କ ଇସ୍ତଫାପତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ରାଷ୍ଟ୍ରପତି ଭବନଠାରେ ଇସ୍ତଫା ପ୍ରଦାନ କରିଛନ୍ତି। ଏହା ସହ ଅନ୍ୟ କେନ୍ଦ୍ର ମନ୍ତ୍ରୀମାନେ ମଧ୍ୟ ଇସ୍ତଫା ଦେଇଛନ୍ତି।

**BBSR**

## ନବୀନ ପଟ୍ଟନାୟକଙ୍କ ଇସ୍ତଫା

ବିଧାନସଭା ନିର୍ବାଚନରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଇସ୍ତଫା ପ୍ରଦାନ କରିଛନ୍ତି। ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ନବୀନ ପଟ୍ଟନାୟକ ଆଜି ପୂର୍ବାହ୍ନ ସାଢେ଼ ୧୧ଟାରେ ନବୀନ ନିବାସରୁ ବାହାରି ରାଜଭବନ ଯାଇ ସେଠାରେ ରାଜ୍ୟପାଳଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ନବୀନ ରାଜଭବନ ଅଭିମୁଖେ ଯିବା ପୂର୍ବରୁ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଦେବୀ ମିଶ୍ର, ଅରୁଣ ସାହୁ ପ୍ରମୁଖ ନବୀନ ନିବାସରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିଲେ। ସୂଚନାଯୋଗ୍ୟ, ଗତକାଲି ଘୋଷିତ ହୋଇଥିବା ବିଧାନସଭାର ଫଳାଫଳ ଅନୁସାରେ ବିଜେପି ୭୮ଟି ଆସନ ପାଇଥିବା ବେଳେ ବିଜୁ ଜନତା ଦଳ ୫୧ଟି ଏବଂ କଂଗ୍ରେସ ୧୪ଟି ଆସନ ପାଇଛି।

**HS**

## ମୁଖ୍ୟମନ୍ତ୍ରୀ ନେଇ ବୈଠକ

ଓଡ଼ିଶାରେ ନୂତନ ମୁଖ୍ୟମନ୍ତ୍ରୀ ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘୋଷଣା ଅନୁସାରେ ଆସନ୍ତା ୧୦ ତାରିଖରେ ଓଡ଼ିଶାରେ ଜଣେ ଓଡ଼ିଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ହେବ ଏ ନେଇ ଦଳର

ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବ। ଦିନେ ଦୁଇଦିନ ଭିତରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ଶ୍ରୀ ସାମଲ କହିଛନ୍ତି।

ସେ କହିଛନ୍ତି, ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ। ଏହି ଯୋଜନାରେ ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରାଯିବ। ପୁରୀ ରତ୍ନଭଣ୍ଡାର ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଶ୍ରୀ ସାମଲ କହିଛନ୍ତି, ରତ୍ନଭଣ୍ଡାର ଖୋଲାଯିବ। ସମସ୍ତ ତଥ୍ୟର ଅନୁଧ୍ୟାନ କରାଯାଇ ରିପୋର୍ଟକୁ ସାର୍ବଜନୀନ କରାଯିବ।

***Puri***

## ବାଣ ବିସ୍ଫୋରଣ ଘଟଣା

ଶ୍ରୀକ୍ଷେତ୍ର ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାର ତଦନ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର– ଏସ୍‌ଆର୍‌ସି ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଛି। ଘଟଣା ସମୟରେ ପ୍ରତ୍ୟକ୍ଷଦର୍ଶୀଙ୍କ ସମେତ ମୃତ ଓ ଆହତ ବ୍ୟକ୍ତିଙ୍କ ସମ୍ପର୍କୀୟ ମାନେ ବିସ୍ଫୋରଣ ଘଟଣାରେ ମତାମତ ଦେଇଛନ୍ତି। ସେହିପରି ଘଟଣାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଥାନା ଅଧିକାରୀ ଓ ସେ ଦିନ ଘଟଣା ସମୟରେ କର୍ତ୍ତବ୍ୟରତ ପୋଲିସ ଅଧିକାରୀମାନଙ୍କ ଠାରୁ ମଧ୍ୟ ମତଗ୍ରହଣ କରାଯାଇଛି। ତଦନ୍ତ ସମୟରେ ପୁରୀ ଜିଲ୍ଲାପାଳ ଓ ଏସ୍.ପି. ଉପସ୍ଥିତ ରହି ଆପତ୍ତି ଅଭିଯୋଗ ଶୁଣିଛନ୍ତି।

ଅପରପକ୍ଷରେ ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୫ରେ ପହଁଞ୍ଚିଛି। ଏହି ଘଟଣାରେ ଅନ୍ୟ ୧୨ ଜଣ ଆହତମାନେ ବିଭିନ୍ନ

ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତିନିଜଣଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିବା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି।

***Desk***

## ଅଂଶୁଘାତ ଜନିତ ମୃତ୍ୟୁ

ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୩୬କୁ ବୃଦ୍ଧି ପାଇଛି। ଏ ସମ୍ପର୍କରେ ଏସ୍.ଆର୍.ସି କହିଛନ୍ତି, ଅଂଶୁଘାତ ମୃତ୍ୟୁକୁ ନେଇ ମୋଟ୍ ୧୫୧ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୩୬ ଜଣଙ୍କ ମୃତ୍ୟୁ ଅଂଶୁଘାତ ଯୋଗୁଁ ହୋଇଛି। ସେହିଭଳି ୩୧ ଜଣଙ୍କ ମୃତ୍ୟୁ ଅନ୍ୟ କାରଣରୁ ହୋଇଥିବା ସେ କହିଛନ୍ତି। ଏସ୍ଆର୍ସି କହିଛନ୍ତି, ଅନ୍ୟ ୮୪ଟି ମାମଲାର ଯାଞ୍ଚ ଚାଲିଛି। ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ।

***Desk***

## ହାତୀ ସଂଖ୍ୟା ବୃଦ୍ଧି

ରାଜ୍ୟରେ ବର୍ଷକ ଭିତରେ ବିଭିନ୍ନ କାରଣରୁ ୬୬ ହାତୀଙ୍କର ମୃତ୍ୟୁ ହୋଇଥିବା ରାଜ୍ୟ ମୁଖ୍ୟ ବନସଂରକ୍ଷକ - ପିସିସିଏଫ୍ କହିଛନ୍ତି। ବର୍ତ୍ତମାନ ମୋଟ୍ ହାତୀ ସଂଖ୍ୟା ୨ ହଜାର ୯୮ ରହିବା ସହ ୭ ବର୍ଷ ଭିତରେ ହାତୀଙ୍କ ସଂଖ୍ୟା ୧୨୨କୁ ବୃଦ୍ଧି ପାଇଛି। ହାତୀଙ୍କ ଗତିବିଧି ଜାଣିବା ପାଇଁ କୃତ୍ରିମ ବୁଦ୍ଧିମତାର ବ୍ୟବହାର କରାଯିବ ବୋଲି ପିସିସିଏଫ୍ କହିଛନ୍ତି।

***PR***

## ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର ଲୋକସଭା ବିଜୟ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭିଡିଓ ବାର୍ତ୍ତା ମାଧ୍ୟମରେ ଜନସାଧାରଣଙ୍କୁ ଧନ୍ୟବାଦ

ଜଣାଇଛନ୍ତି । ସେ କହିଛନ୍ତି, ସମ୍ବଲପୁର ହେଉଛି, ସ୍ୱାଭିମାନର ମାଟି । ସମ୍ବଲପୁରର ମାନସମ୍ମାନକୁ ବଢ଼ାଇବା ସହ ବିକଶିତ କରିବା ଦିଗରେ କାର୍ଯ୍ୟ କରିବେ । ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମ୍ବଲପୁରର ଉନ୍ନତି ହେବ । ଏଥିପାଇଁ ସେ ସମ୍ବଲପୁରବାସୀଙ୍କର ନିରନ୍ତର ସହଯୋଗ କାମନା କରିଛନ୍ତି ।

***HS***

## ବିଜେପିରେ ସାମିଲ

ଧର୍ମଶାଳାରୁ ସ୍ୱାଧୀନ ଭାବେ ବିଜୟୀ ହୋଇଥିବା ହିମାଂଶୁ ଶେଖର ସାହୁ ଆଜି ବିଜେପିରେ ସାମିଲ ହୋଇଛନ୍ତି । ଏହା ଫଳରେ ବିଜେପିର ବିଧାୟକଙ୍କ ସଂଖ୍ୟା ଅଣାଅସୀକୁ ବୃଦ୍ଧି ପାଇଛି । ସୂଚନା ଅନୁସାରେ, ଚଳିତ ନିର୍ବାଚନରେ ଶ୍ରୀ ସାହୁ ବିଜେଡିର ପ୍ରଣବ ବଳବନ୍ତରାୟଙ୍କୁ ୪ ହଜାର ୧୫୦ ଭୋଟ୍‌ରେ ପରାସ୍ତ କରିଥିଲେ ।

**Puri**

# ବନକଲାଗି

ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଆଜି ସନ୍ଧ୍ୟା ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ପରମ୍ପରା ଅନୁଯାୟୀ, ଦତ୍ତ ମହାପାତ୍ର ସେବକମାନେ ବିଭିନ୍ନ ପ୍ରାକୃତିକ ରଙ୍ଗରେ ଶ୍ରୀଜୀଉଙ୍କ ଶ୍ରୀମୁଖ ସିଂହାର କରିବେ । ବନକଲାଗି ନୀତି ସରିବା ପରେ ଶ୍ରୀଜୀଉଙ୍କୁ ମହାସ୍ନାନ,

ସନ୍ଧ୍ୟା ଆଳତୀ, ସନ୍ଧ୍ୟା ଧୂପ, ଚନ୍ଦନଲାଗି, ବଡ଼ ସିଂହାର ବେଶ ଓ ଭୋଗ ଏବଂ ରାତ୍ର ପହୁଡ଼ କରାଯିବ।

***Ganjam/Bargada/Desk***

# ପରିବେଶ ଦିବସ

'ଭୂମିର ପୁନରୁଦ୍ଧାର, ମରୁଭୂମିକରଣ ଓ ମରୁଡ଼ିର ପ୍ରତିରୋଧ'ର ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ପରିବେଶ ଦିବସ। ୧୯୭୪ ମସିହାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇ ଆସୁଛି । ପରିବେଶ ପ୍ରତି ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟବୋଧକୁ ମନେପକେଇବା ଏବଂ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ଲକ୍ଷ୍ୟ ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ବରଗଡ଼ ଜିଲ୍ଲା ବନବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଛି। ଚାଷ ପରେ ନଡ଼ା ପୋଡ଼ିବା ଯୋଗୁଁ ଜମି ଉପରେ ପଡୁଥିବା ପ୍ରତିକୂଳ ପ୍ରଭାବ ଉପରେ ଚଷୀଙ୍କୁ ସଚେତନ କରାଯାଇଛି।

ଗଞ୍ଜାମ ଜିଲ୍ଲାରେ ଗୋଳନ୍ଥରା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧାଂଶୁ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖାଦ୍ୟ ଅପଚୟ, ଶିଳ୍ପାୟନ, ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଇକୋ ସିଷ୍ଟମର ସୁରକ୍ଷା ଓ

ପୁନରୁଦ୍ଧାର କରିବା ସହ ପ୍ରାକୃତିକ ସମ୍ପଦର ପରିଚାଳନା ବର୍ତ୍ତମାନ ପରିସ୍ଥିତିରେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

***Desk***

# ନିଟ୍

ମେଡ଼ିକାଲ ପଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ନିଟ୍ ପକ୍ଷରୁ ଟପର ତାଲିକା ପ୍ରକାଶ କରାଯାଇ ନଥିଲେ ମଧ୍ୟ ୬୭ ଜଣ ଛାତ୍ରଛାତ୍ରୀ ୯୯ ଦଶମିକ ୯/୯ ପ୍ରତିଶତ ସ୍କୋର୍ ହାସଲ କରି ୧ନମ୍ବର ସ୍ଥାନରେ ରହିଛନ୍ତି । ଚଳିତବର୍ଷ ଦେଶ ତଥା ଦେଶ ବାହାରେ  ମୋଟ୍ ୫୫୭ଟି ସହରରେ ହୋଇଥିବା ୪ ହଜାର ୭୫୦ଟି କେନ୍ଦ୍ରରେ ୨୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବାଲାଗି ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୯୬ ଦଶମିକ ୯/୪ ପ୍ରତିଶତ ପରୀକ୍ଷା ଦେଇଥିଲେ । ଯୋଗ୍ୟ ଛାତ୍ରଛାତ୍ରୀ ପରୀକ୍ଷା ଫଳ ସଂପର୍କିତ ଅଧିକ ତଥ୍ୟ ପାଇଁ **www.mcc.nic.in** ରୁ ଜାଣିପାରିବେ ।

**************************************